## ଘରୋଇ ବସ୍ ମାଲିକ ସଂଘ ସଭାପତିଙ୍କ ଇସ୍ତଫା

ମାଲକାନଗିରି,(ଡି.ଏନ୍.ଏ.): ମାଲକାନଗିରି ଜିଲା ଘରୋଇ ବସ୍ ମାଲିକ ସଂଘର ସଭାପତି ଭକ୍ତଚରଣ ରାଉତ ତାଙ୍କ ସଭାପତି ପଦରୁ ରବିବାର ଇସ୍ତଫା ଦେଇଛନ୍ତି। ସେ ୨୬ ବର୍ଷ ଧରି ସଂଘ ସଭାପତି ଥିଲେ। ଏହି ଅବସରରେ ବସଷ୍ଟାଣ୍ଡ ପରିସରସ୍ଥ ମାଲ୍ୟବନ୍ତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ରାଉତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅସ୍ଥାୟୀ ଭାବେ ୫ଜଣଙ୍କୁ ସଂଘର ଦାୟିତ୍ୱ ତୁଲାଇବା ପାଇଁ ନିଷ୍ପତ୍ତି ହୋଇଛି। ସେମାନେ ହେଲେ ବସ୍ ମାଲିକ ସପନ ଦତ୍ତ, ରାଜେଶ୍ୱରୀ ପ୍ରଧାନ, ଇ. ଭେଙ୍କଟ ରାଓ, ସିଏଚ୍ ସୁବାରାଓ ପାତ୍ର, ପଙ୍କଜ ପାଲ। ଆଗାମୀ ଦିନରେ ବସ୍ ମାଲିକ ସଂଘର ସାଧାରଣ ଅଧିବେଶନ ବସି ସଂଘର ସ୍ଥାୟୀ ସଭାପତି ନିର୍ବାଚନ ହେବ।

**ସଂକ୍ଷେପରେ**

## ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରିବାକୁ ଗୁରୁତ୍ୱ

**ଦଶମନ୍ତପୁର,୫।୧୨(ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ ଅଧୀନ କେ. ନୂଆଗୁଡ଼ା ଆମ୍ବତୋଟା ପରିସରରେ ଜୋନ(୨) ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଚୟନ ପ୍ରକ୍ରିୟା ନେଇ ବ୍ଲକ କଂଗ୍ରେସ ପକ୍ଷରୁ ଜୋନ୍ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ ଜୋନ୍(୨)ର ୮ ପଞ୍ଚାୟତରେ ଜିଲା ପରିଷଦ ପ୍ରାର୍ଥୀ ଭାବେ କଂଗ୍ରେସ ପକ୍ଷରୁ ଲଢ଼େଇ କରିବାକୁ ପ୍ରାର୍ଥୀ ଚୟନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଆଗାମୀ ନିର୍ବାଚନ ପୂର୍ବରୁ ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରି ୮ ପଞ୍ଚାୟତରେ ୱାର୍ଡସଭ୍ୟା/ସଭ୍ୟ ପଦରୁ ଆରମ୍ଭକରି ସମିତି ସଭ୍ୟ, ଜିଲା ପରିଷଦ ଏବଂ ବ୍ଲକ ଅଧକ୍ଷ ପଦ କଂଗ୍ରେସ ହାତକୁ ଆଣିବାକୁ ବ୍ଲକ ସଭାପତି ଗୁରୁତ୍ୱାରୋପ କରିଥିଲେ। ବ୍ଲକ କଂଗ୍ରେସ ଉପ ସଭାପତି ଲୋଚନ ବିଶୋୟୀ, ପୂର୍ଣ୍ଣ ସାହୁ, ତ୍ରିନାଥ ବିଶୋଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁନାମ କନ୍ଦପାନ ଓ ମାଧବ ଚେଟୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ବ୍ଲକ କଂଗ୍ରେସ ସମ୍ପାଦକ ମୋହନ ପାତ୍ର ହିଆଲ, ସେବକ କନ୍ଦପାନ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ପ୍ରମୋଦ କିଶୋର ଖରା, ଭରତ ବିଶୋଇ, ଦୁର୍ଜନ କୁଳଦୀପ, ମାଧବ ପ୍ରଧାନୀ, ସୁବାସ ଖୋସ୍‌ଲା, ସଦା ଗୌଡ଼, ସୁଧୀର ପାଇକ, ଭାସ୍କର ଖରା, ଟୁନା ଖରାଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

## ମମିତା ମେହେର ହତ୍ୟା ମାମଲା
## ୯ରେ ବିଧାନସଭା ଘେରିବ ଭାଜପା ଯୁବମୋର୍ଚ୍ଚା

**ଜୟପୁର,୫।୧୨(ନି.ପ୍ର.):** ବହୁଚର୍ଚ୍ଚିତ ମମିତା ହତ୍ୟାକାଣ୍ଡ ମାମଲାରେ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଏବଂ ଘଟଣାର ସିବିଆଇ ତଦନ୍ତ ଦାବିରେ ଆସନ୍ତା ୯ରେ ଭାଜପା ବିଧାନସଭା ଘେରାଉ କରିବ । ଏନେଇ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମମିତା ମେହେର ଅପହରଣ ଓ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସୁରକ୍ଷା ଦେଉଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀ କଳାହାଣ୍ଡିରେ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ମିଶ୍ରଙ୍କ ସହ ଗୋଟିଏ ମଞ୍ଚରେ ବସି ଏହାକୁ ଆହୁରି ପ୍ରୋତ୍ସାହିତ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ନେତୃବୃନ୍ଦ ଘଟଣାର ତଥ୍ୟ ଓ ପ୍ରମାଣ ଦେବାକୁ ଭାଜପାକୁ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଆଚାର୍ଯ୍ୟ କହିଛନ୍ତି । ମନ୍ତ୍ରୀ ମିଶ୍ର ନିଜ ପଦ ଓ କ୍ଷମତାର ଅପବ୍ୟବହାର କରି ତଦନ୍ତ ପ୍ରକ୍ରିୟାକୁ ବାଟବଣା କରୁଛନ୍ତି। ମମିତାଙ୍କୁ ନ୍ୟାୟ,ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଏବଂ ଘଟଣାର ସିବିଆଇ ତଦନ୍ତ ଦାବି କରି ଭାଜପା ଯୁବମୋର୍ଚ୍ଚା ରାଜ୍ୟବ୍ୟାପୀ ଥାନା ଘେରାଉ,ଏସ୍‌ପି କାର୍ଯ୍ୟାଳୟ ଘେରାଉ, ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଆନ୍ଦୋଳନ ଜାରି ରଖିଛି। ଏହି ଆନ୍ଦୋଳନକୁ ଆହୁରି ଶାଣିତ କରି ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଯୁବମୋର୍ଚ୍ଚା ଆସନ୍ତା ୯ରେ ବିଧାନସଭା ଘେରାଉ କରିବ। ଏଥିରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେବେ ବୋଲି ଆଚାର୍ଯ୍ୟ କହିଛନ୍ତି । ଖବରଦାତା ସମ୍ମିଳନୀରେ ଉପସ୍ଥିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ,ରାଜ୍ୟ ଉପସଭାପତି ନୀଳାଦ୍ରି ପାତ୍ର,ରାଜ୍ୟ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବ, କୋଷାଧକ୍ଷ ସନ୍ତୋଷ ମହାପାତ୍ର ଓ ସାବନ ମହାନ୍ତି ଉପସ୍ଥିତ ଥିଲେ।

## ଅବକାରୀ ଧରପଗଡ଼, ୨ ଗିରଫ

**ଜୟପୁର, ୫।୧୨(ନି.ପ୍ର.):** ଜୟପୁର ଅବକାରୀ ବିଭାଗ ରବିବାର ବିଭିନ୍ନ ସ୍ଥାନରେ ଧରପଗଡ କରି ଦେଶୀ ମଦ ଓ ପୋଚ ଜବତ କରିଛି। ଜୟନଗର ଛକରୁ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନିଳାଗୁଡାର ଅନିଲ ହରିଜନ ଓ ସଦାଶିବ ହରିଜନ । ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ଡିମାଲା ନିକଟସ୍ଥ ଜଙ୍ଗଲରେ ଚଢାଉ କରି କର୍ମଚାରୀମାନେ ୨ ହଜାର ଲିଟର ପୋଚ ଓ ୨ ଶହ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏଠାରେ ପୂର୍ବରୁ ସୂଚନା ପାଇଯାଇଥିବାରୁ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ।

# ସୁସ୍ଥ ମାଟି ଚାଷୀଙ୍କୁ ଦେବ ସଫଳତା



କାର୍ଯ୍ୟକ୍ରମରେ ଜିଲାପାଳ ଓ କୃଷି ବିଭାଗର ଅଧିକାରୀମାନେ।

**ବିଶ୍ୱ ମୃତ୍ତିକା ଦିବସ**

■ ଜିଲାର ୨୦ ଚାଷୀଙ୍କୁ ମୃତ୍ତିକା କାର୍ଡ ପ୍ରଦାନ

**ନବରଙ୍ଗପୁର,୫।୧୨(ବି.ପ୍ର.)**

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମୃତ୍ତିକା ଦିବସ ରବିବାର ପାଳିତ ହୋଇଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଚାଷ ଜମିକୁ କିପରି ସର୍ବଦା ଉର୍ବର ରଖିବା ସହ ମୃତ୍ତିକା ପରୀକ୍ଷା କରିବାକୁ ଆଗ୍ରହୀ ହେବେ ସେ ନେଇ ଜିଲା ପ୍ରଶାସନ ଏବଂ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ସୁସ୍ଥ ମୃତ୍ତିକା ଦ୍ୱାରା ଚାଷୀ ଲାଭବାନ ହେବେ ବୋଲି ସଚେତନ କରାଯାଇଛି। ଜିଲାରେ ଚଳିତ ବର୍ଷ ୧୫ ହଜାର ଚାଷୀଙ୍କ ଜମିର ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଏବେ ସୁଦ୍ଧା ୨୨୩୬ଜଣଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଅଧିକ ଚାଷୀ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିଳ୍ପ ବିହୀନ ନବରଙ୍ଗପୁର ଜିଲାର ୯୭ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ତେଣୁ ଜିଲା ପ୍ରଶାସନ ସର୍ବଦା କୃଷିକୁ ଗୁରୁତ୍ୱ ଦେଇ ଆସିଥିବା ଜିଲାପାଳ ଏଠାରେ କହିଥିଲେ। ମୃତ୍ତିକା ଦିବସ ଉପଲକ୍ଷେ କେନ୍ଦ୍ର ସରକାରଙ୍କ ଯୋଜନାରେ ଜିଲାର ୨୦ ଚାଷୀଙ୍କୁ ମୃତ୍ତିକା କାର୍ଡ ପ୍ରଦାନ କରାଯାଇଛି।

## ୨୦ ଚାଷୀ ପାଇଲେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ

**ରାୟଗଡ଼ା ଅଫିସ୍,୫।୧୨(ସ୍ୱ.ପ୍ର.)**

ରାୟଗଡ଼ାଠାରେ ରାୟଗଡ଼ାଠାରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ସ୍ଥାନୀୟ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ ଏଥିରେ ଅଧକ୍ଷତା କରିଥିଲେ। ଉଦ୍ୟାନ ଉପ କୃଷି ନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଜିଲା ମତ୍ସ୍ୟ ଅଧିକାରୀ ତୁଳାକାନ୍ତି ତାଜନ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ରାଜୀବ କୁମାର ଗୁଡୁ, ମୃତ୍ତିକା ରସାୟନବିତ୍ ଶରତ କୁମାର ଘୋଷ, ଜିଲା କୃଷି ଅଧିକାରୀ ବଳଦେବ ମହାପାତ୍ର, ପାରାଦ୍ୱୀପ ଫସ୍‌ଫେଟ ଲିମିଟେଡର ବରିଷ୍ଠ ମ୍ୟାନେଜର, ଇଫ୍‌କୋର କ୍ଷେତ୍ର ଅଧିକାରୀ ଏବଂ ଚାଷୀ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକରୁ ୩୦ ଚାଷୀ ଓ କୃଷି ବିଭାଗରେ କାର୍ଯ୍ୟରତ ଅନ୍ୟ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ। ରାୟଗଡ଼ା ଜିଲାରେ ଏକ ମୃତ୍ତିକା ପରୀକ୍ଷାଗାର ବାର୍ଷିକ ୧୦ ହଜାରରୁ ଅଧିକ ମାଟି ନମୁନା ପରୀକ୍ଷା କରୁଛି। ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ବାର୍ଷିକ ୫ହଜାର ମାଟି ନମୁନା ପରୀକ୍ଷା କରୁଛି। ତେଣୁ ମାଟି ପରୀକ୍ଷା ପରେ ଅନୁମୋଦନ ଅନୁଯାୟୀ ସାର ପ୍ରୟୋଗ ଓ ସମନ୍ୱିତ ଖାଦ୍ୟ ସାର ପରିଚାଳନା କରି ଚାଷ କରିବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ୨୦ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି।


କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ ଉପ କୃଷି ନିର୍ଦ୍ଦେଶକ ଓ ଅନ୍ୟମାନେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ
### ମଧ୍ୟାହ୍ନଭୋଜନ ଟଙ୍କା ହରିଲୁଟ ପ୍ରସଙ୍ଗ

**ଟିକିରି,୫।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସରକାରୀ ହାଇସ୍କୁଲର ଅନେକ ଛାତ୍ରୀଛାତ୍ର ଏ ପର୍ଯ୍ୟନ୍ତ କରୋନା ମହାମାରୀ ସମୟର ମଧ୍ୟାହ୍ନ ଭୋଜନ ସାମଗ୍ରୀ ବାବଦକୁ ସରକାରଙ୍କ ଠାରୁ ଆସିଥିବା ଟଙ୍କା ପାଇ ନାହାନ୍ତି। ୩ଟି ପର୍ଯ୍ୟାୟରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସ୍କୁଲ ବ୍ୟାଙ୍କ ଆକାଉଣ୍ଟରୁ ଉଠାଯାଇଥିଲେ ମଧ୍ୟ ପିଲାମାନଙ୍କୁ ପ୍ରଦାନ କରାଯାଇନାହିଁ। ଏ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବିଦ୍ୟାଳୟ ପରିଚାଳନା କମିଟି ନିକଟରେ ଅଭିଯୋଗ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଏ ନେଇ ରାୟଗଡ଼ା ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇବା ପରେ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ କରିଛନ୍ତି। ପିଲାଙ୍କୁ ଟଙ୍କା ପ୍ରଦାନ କରାଯାଇ ନ ଥିବାବେଳେ ସରକାରଙ୍କ ପକ୍ଷରୁ ଆସିଥିବା ମଧ୍ୟାହ୍ନ ଭୋଜନ ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ କାହିଁକି ଉଠାଇଥିଲେ ତାହାର କାରଣ ୪ ଦିନ ମଧ୍ୟରେ ଦର୍ଶାଇବାକୁ କୁହାଯାଇଥିବା ଡିଇଓ ସୂଚନା ଦେଇଛନ୍ତି।

## ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ଦାବି

■ ପାର୍ଲାମେଣ୍ଟରେ ପ୍ରସଙ୍ଗ ଉଠାଇଲେ ସପ୍ତଗିରି

■ କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ବିଲ୍ ଉପସ୍ଥାପନ

**ରାୟଗଡ଼ା ଅଫିସ,୫।୧୨**

ଦୀର୍ଘ ଦୁଇ ଦଶନ୍ଧି ଧରି ରାୟଗଡ଼ା ଜିଲାର ଝୋଡ଼ିଆ ସମ୍ପ୍ରଦାୟର ଲୋକେ ଆଦିବାସୀ ମାନ୍ୟତା ପାଇଁ ସଂଘର୍ଷ କରି ଆସୁଛନ୍ତି। ତଥାପି ସେମାନଙ୍କୁ ଆଦିବାସୀର ମାନ୍ୟତା ମିଳୁନି। ଏ ନେଇ ରାଜ୍ୟ ବିଧାନସଭାଠାରୁ ଆରମ୍ଭ କରି ପାର୍ଲାମେଣ୍ଟରେ ମଧ୍ୟ ପର୍ଯ୍ୟାୟକ୍ରମେ ଯୁକ୍ତି ଉପସ୍ଥାପନ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ପୁଣି ଲୋକ ସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସପ୍ତଗିରି ୨ଟି ପ୍ରାଇଭେଟ ବିଲ୍ ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି। ସମ୍ବିଧାନର ଅନୁସୂଚିତ ଜନଜାତି ସଂଶୋଧନ ବିଲ୍ ୨୦୧୯ ଅନୁଯାୟୀ ରାୟଗଡ଼ା ଜିଲା କାଶୀପୁର ଅଞ୍ଚଳର ଝୋଡ଼ିଆ ସମ୍ପ୍ରଦାୟକୁ ଜନଜାତି(ଏସ୍‌ଟି) ଭାବେ ଘୋଷଣା କରିବାକୁ ଦାବି ରଖିଛନ୍ତି। ସେହିପରି କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ବିଲ୍ ୨୦୨୦କୁ ମଧ୍ୟ ଉପସ୍ଥାପନ କରିଛନ୍ତି।

ଅବିଭକ୍ତ କେବିକେ ଜିଲା ଓ କନ୍ଧମାଳ ଜିଲାରେ ବସବାସ କରୁଥିବା ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି ତଥା ଆର୍ଥିକ ଭାବେ ପଛୁଆ ବର୍ଗଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ଅନୁଦାନର ପ୍ରସ୍ତାବ ଏଥିରେ ଦିଆଯାଇଛି। ପୂର୍ବରୁ ଆଦିବାସୀ ମାନ୍ୟତା ନେଇ ରାଜ୍ୟ ସରକାର ଠିକ୍ ରୂପେ ଯୁକ୍ତି ଉପସ୍ଥାପନ କରି ନ ଥିବାରୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଏହାକୁ ଗ୍ରହଣ କରି ନ ଥିଲା। ଫଳରେ ତାହା ଆଇନରେ ପରିଣତ ହୋଇପାରୁନି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ଏହି ପ୍ରସଙ୍ଗ ପୁଣିଥରେ ଆଲୋଚନା କରିବାକୁ ଗୃହର କାର୍ଯ୍ୟକାରୀ ବାଚସ୍ପତି ଭର୍ତ୍ତୃହରି ମହତାବଙ୍କ ନିକଟରେ ଏମ୍‌ପି ପ୍ରସ୍ତାବ ରଖିବା ସହ ବିଲ୍ ଆଗତ କରାଯାଇଛି। ଏହି ବିଲ୍ ଉପରେ ପରବର୍ତ୍ତୀ ସମୟରେ ଆଲୋଚନା ହେବ ବୋଲି କୁହାଯାଇଛି। ସେହିପରି କେବିକେ ଅଞ୍ଚଳ ପରି କନ୍ଧମାଳ ଜିଲାକୁ ମଧ୍ୟ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବା ପାଇଁ ଏମ୍‌ପି ଦାବି କରିଛନ୍ତି।

## ପ୍ରତିବାଦର ସ୍ୱର ଆହୁରି ତୀବ୍ର କରିବାକୁ ଆହ୍ୱାନ

**ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କ ନବରଙ୍ଗପୁର ଗସ୍ତ**

**ନବରଙ୍ଗପୁର,୫।୧୨(ବି.ପ୍ର.)**

ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ରବିବାର ନବରଙ୍ଗପୁର ଗସ୍ତରେ ଆସି ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ରାଜ୍ୟ ସରକାରଙ୍କ ନୀରବତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ହୋଇଥିବା କାର୍ଯ୍ୟକ୍ରମରେ ଯୋଗଦେଇ ମମିତା ପ୍ରସଙ୍ଗରେ ପ୍ରତିବାଦର ସ୍ୱର ଆହୁରି ତୀବ୍ର କରିବାକୁ ଜିଲାର ନେତା ଓ କର୍ମୀଙ୍କୁ ଆହ୍ୱାନ କରିଛନ୍ତି। ରାଜ୍ୟ ଭାଜପା ପକ୍ଷରୁ ୯ ତାରିଖରେ ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବି କରିବା ପାଇଁ ଜିଲାର ତୃଣମୂଳ ସ୍ତରରୁ ଅଧିକ ସଂଖ୍ୟାରେ କର୍ମୀ ଯୋଗ ଦିଅନ୍ତୁ ବୋଲି କହିଛନ୍ତି। ଏହି ଅବସରରେ ପ୍ରତିବାଦ ନେଇ ସ୍ଥିରିକୃତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ସନ୍ତୋଷ ମହାପାତ୍ର, ଜିଲା ପ୍ରଭାରୀ ହିମାଂଶୁ ପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, କାହ୍ନୁ ଦାସ, ଦୈତାରୀ ମାଝି, ମାନସ ତ୍ରିପାଠୀ, ଶୁଭଜିତ ପାଣିଗ୍ରାହୀ, ସନ୍ତୋଷ କୁମାର, ଶୁଭମ ଚୌଧୁରୀ, ଜ୍ୟୋତି କଂସ, ଅନନ୍ତ ପଣ୍ଡା, ନଗର ମଣ୍ଡଳ ସଭାପତି ପିଣ୍ଟୁ ମିଶ୍ର, ସର୍ମିଷ୍ଠା ଦେଓ, ବବିତା ସାହୁ, ସୁନିତା ପଟ୍ଟନାୟକଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଓ ଦଳୀୟ ନେତାମାନେ।

## ମହୁ ମାଛି ଆକ୍ରମଣରେ ମହିଳା ଗୁରୁତର

**ପାପଡ଼ାହାଣ୍ଡି,୫।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲଠାରେ ମହୁ ମାଛି ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ବାଲ୍ ଭତରା। ମହାମାୟୀ ସାହିର ବାଲ୍ ଶୌଚ ପାଇଁ ନଦୀକୁ ଯାଇଥିବାବେଳେ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## ସାବରିମାଳା ଯାତ୍ରା କଲେ ଆୟାପ୍ପା ଶ୍ରଦ୍ଧାଳୁ

**ଉମରକୋଟ,୫।୧୨(ସ୍ୱ.ପ୍ର.)**

ଆୟାପ୍ପା ମାଳା ଧାରଣ କରିଥିବା ଉମରକୋଟ ଅଞ୍ଚଳର ଶ୍ରଦ୍ଧାଳୁ ସାବରିମାଳା ଯାତ୍ରା କରିଛନ୍ତି। ଦୀର୍ଘ ୪୫ଦିନର ବ୍ରହ୍ମଚର୍ଯ୍ୟ ପରେ ରବିବାର ସ୍ଥାନୀୟ ପେଣ୍ଡ୍ରାଣି ମନ୍ଦିରରେ ଇରୁମୁଡି ଧାରଣ କରି ଆୟାପ୍ପା ଭଗବାନଙ୍କୁ ଦର୍ଶନ ପାଇଁ ବାହାରିଛନ୍ତି। ଇରୁମୁଡି ମୁଣ୍ଡରେ ଧରି ସାବରିମାଳା ପାହାଡ଼ ଚଢ଼ି ଭଗବାନ ଆୟାପ୍ପାଙ୍କୁ ଦର୍ଶନ କରିବା ପରେ ବ୍ରହ୍ମଚର୍ଯ୍ୟ ଭଙ୍ଗ କରିବେ ଏବଂ କଳା ପୋଷାକ ଓହ୍ଲାଇବେ ବୋଲି ଉମରକୋଟ ଆୟାପ୍ପା ସେବା ସଂଘର ଗୁରୁ ସ୍ୱାମୀ ସନ୍ତୋଷ ପଞ୍ଜବାନି ଓ ରାଜକୁମାର ବାଘ ସୂଚନା ଦେଇଛନ୍ତି। ଇରୁମୁଡି କାର୍ଯ୍ୟକ୍ରମ ଜୟପୁରର ରାବଣା ଗୁରୁ ସ୍ୱାମୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ସତ୍ୟ ସୁନ୍ଦର ସାମଲ, ନଳିନୀ ରଞ୍ଜନ ମିଶ୍ର, କୁମାର ସ୍ୱାମୀ, କୋଟେଶ୍ୱର ପଟ୍ଟନାୟକ, ଉପେନ୍ଦ୍ର ଖୁଣ୍ଟିଆ, ରାଜେଶ ରାଜୁଙ୍କ ସମେତ ନିକଟ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ।

## ସୁବିଧାରେ ମିଳିବ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତିର ସହାୟତା

**ବନପାଳ, ବନରକ୍ଷୀଙ୍କୁ 'ଅନୁକମ୍ପା' ଆପ୍ ତାଲିମ**

**ରାମନାଗୁଡ଼ା,୫।୧୨(ଡି.ଏନ୍.ଏ.)**

ରାୟଗଡ଼ା ବିଭାଜନ ସ୍ତରୀୟ 'ଅନୁକମ୍ପା' ଆପ୍ ତାଲିମ କାର୍ଯ୍ୟକ୍ରମ ରବିବାର ଜିଲାର ମୁକୁନ୍ଦପୁର ହାତୀଖମ୍ବାସ୍ଥିତ ବନ ବିଭାଗ ଫାର୍ମହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀଙ୍କ ଯୋଗୁ କୌଣସି ବ୍ୟକ୍ତି କିମ୍ବା ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ, ଆହତ, ଫସଲ ଓ ଘର ନଷ୍ଟ ହେଲେ ଏହି ଆପ୍ ମାଧ୍ୟମରେ ସରକାରୀ ସହାୟତା ନିମନ୍ତେ ସୁବିଧାରେ ଆବେଦନ କରିପାରିବେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବନଖଣ୍ଡର ବନପାଳ ଏବଂ ବନରକ୍ଷୀଙ୍କୁ ଏହି ଆପ୍ ବିଷୟରେ ତାଲିମ ଦିଆଯାଇଛି। ଫରେଷ୍ଟର ବର୍ଷାରାଣୀ ପାତ୍ର ଏବଂ ଡମ୍ବରୁଧର ସେନାପତି ଉପସ୍ଥିତ ରହି ତାଲିମ ଦେଇଥିଲେ। ରାୟଗଡ଼ା ଡିଏଫ୍‌ଓ ବିଜୟ କୁମାର ପରିଡ଼ା, ଏସିଏଫ୍ ନିତ୍ୟାନନ୍ଦ ନାୟକ, ଏସିଏଫ୍ ପ୍ରଭାକର ସେନାପତି, ଅଶୋକ କୁମାର ପ୍ରଧାନ, ମୁନିଗୁଡ଼ା ଆର୍‌ଓ ପ୍ରସନ୍ନ କୁମାର ମିଶ୍ର, ଡେପୁଟି ଆର୍‌ଓ ବ୍ରଜମୋହନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ରାମନାଗୁଡ଼ା ବନପାଳ ନରେନ୍ଦ୍ର ଗମାଙ୍ଗ ଏବଂ ମକୁନ୍ଦପୁର ବନପାଳ ପରିଚାଳନା କରିଥିଲେ।

## ଛେଳି, ମେଣ୍ଢାଙ୍କ କୃତ୍ରିମ ପ୍ରଜନନ ନେଇ ସଚେତନତା

**ଉମରକୋଟ,୫।୧୨(ସ୍ୱ.ପ୍ର.)**

ଉମରକୋଟ ବ୍ଲକ ଭଣ୍ଡାରୀଗଡ଼ା ପଞ୍ଚାୟତର ସାଇଁଟିପଦର ଗ୍ରାମରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ରବିବାର ଛେଳି ଓ ମେଣ୍ଢାଙ୍କ କୃତ୍ରିମ ପ୍ରଜନନ ବିଷୟରେ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରକାଶ କୁମାର ମହାନ୍ତି ଯୋଗଦେଇ ଛେଳି ଓ ମେଣ୍ଢାଙ୍କ କୃତ୍ରିମ ପ୍ରଜନନ ବିଷୟରେ ସୂଚନା ପ୍ରଦାନ କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ରୂପେ ଡା. ସୌର୍ଯ୍ୟ ରଞ୍ଜନ ପତି ଯୋଗଦେଇ ଛେଳି ଓ ମେଣ୍ଢା ପାଳନର ବିଭିନ୍ନ ଦିଗ ବିଷୟରେ ପ୍ରକାଶ କରିଥିଲେ। ଏହି ଅବସରରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଡାକ୍ତର ଆଶିଷ ମହାପାତ୍ର ଯୋଗଦେଇ ଛେଳି ଓ ମେଣ୍ଢାମାନଙ୍କ ବିଭିନ୍ନ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ପ୍ରାଣୀ ସମ୍ପଦ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ। ପ୍ରାଣୀଧନ ନିରୀକ୍ଷକ କୈଳାସ ଚନ୍ଦ୍ର ମାଝି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରାଣୀ ଚିକିତ୍ସାଧିକାରୀମାନେ।

## ପଦକ ବିଜେତା ପେନ୍‌ଚାକ ସିଲାଟ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ନବରଙ୍ଗପୁର,୫।୧୨(ବି.ପ୍ର.)**

ଏପ୍ରିଲରେ ଜମ୍ମୁ ଓ କଶ୍ମୀରର ରାଜଧାନୀ ଶ୍ରୀନଗରଠାରେ ଅନୁଷ୍ଠିତ ସର୍ବ ଭାରତୀୟ ପେନ୍‌ଚାକ ସିଲାଟ୍ ପ୍ରତିଯୋଗିତାରେ ନବରଙ୍ଗପୁରର ଖେଳାଳି ଆଶୁତୋଷ ପୂଜାରୀ, ହିମାଂଶୁ ପଟ୍ଟନାୟକ ଏବଂ ତେଜସ୍ୱିନୀ ପୂଜାରୀ ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ମେଡାଲ ଜିତିଥିଲେ। ସେହିପରି ସେପ୍ଟେମ୍ବର ମାସରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶୁମାନ ବେହେରା ଏବଂ ହିମାଂଶୁ ପଟ୍ଟନାୟକ ଓଡ଼ିଶା ପାଇଁ ମିଳିତ ଭାବରେ ଦୁଇଟି ବ୍ରୋଞ୍ଜ ଆଣି ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ରବିବାର ଜିଲାପାଳ କମଳ ଲୋଚନ ମିଶ୍ର ଖେଳାଳି ଏବଂ ସେମାନଙ୍କ କୋଚ୍ ହରିଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ନବରଙ୍ଗପୁର ଉପ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ପେନ୍‌ଚାକ ସିଲାଟ ସଂଘର ଉପଦେଷ୍ଟା ମନୋଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ସମ୍ବର୍ଦ୍ଧିତ ଖେଳାଳି ଓ ସେମାନଙ୍କ କୋଚ୍।

## ସ୍ଥାନୀୟ ଡ୍ରାଇଭରଙ୍କୁ ଅଣଦେଖାର ପ୍ରତିବାଦ
### ଜିଲା ଟ୍ରକ୍ ଡ୍ରାଇଭର ସଂଘର ବୈଠକ



**ପାପଡ଼ାହାଣ୍ଡି,୫।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିସ୍ଥିତ ଡାକବଙ୍ଗଳାଠାରେ ରବିବାର ଜିଲା ଟ୍ରକ୍ ଡ୍ରାଇଭର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ସ୍ଥାନୀୟ ଡ୍ରାଇଭରଙ୍କୁ ଅଣଦେଖା କରି ଅନ୍ୟ ରାଜ୍ୟର ଡ୍ରାଇଭର ମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିସହ ସ୍ଥାନୀୟ ଡ୍ରାଇଭର ମାନଙ୍କୁ କାମ ପ୍ରଦାନ ଲାଗି ଦାବି ହୋଇଥିଲା। ଆଗାମି ଦିନରେ ସଂଘ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ସଂଘର ସଭାପତି ରୂପେ ତ୍ରିନାଥ ରଣା, ଉପସଭାପତି ମନୋଜ ହରିଜନ, ସମ୍ପାଦକ ବାରା ସିଂ, ସହ ସମ୍ପାଦକ ବଳରାମ ଜାନୀ, କୋଷାଧକ୍ଷ ରୂପେ ଭାସ୍କର ଗୌଡ଼ଙ୍କୁ ଚୟନ କରାଯାଇଛି।

# ଅବସରକାଳୀନ ପ୍ରାପ୍ୟରୁ ବଞ୍ଚିତ ଶିକ୍ଷୟିତ୍ରୀ, ଶିକ୍ଷକ

**ଲାଞ୍ଚ ନ ଦେଲେ ଫାଇଲ୍ ଘୁଞ୍ଚୁନି**

**ଟିକିରି,୫।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ସଦରସ୍ଥିତ ବିଇଓ ଅଫିସ ଦୁର୍ନୀତି ନେଇ ଅଭିଯୋଗ ହୋଇଛି। ଲାଞ୍ଚ ନ ଦେଲେ ଏଠାରେ କାମ ହେଉ ନ ଥିବା ଜଣାପଡ଼ିଛି। ବିଶେଷ କରି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ପ୍ରାପ୍ୟ ନ ପାଇ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଚନ୍ଦ୍ରଶେଖର ସାହୁ, ବଂଶୀଧର ବେହେରା, ବଟକୃଷ୍ଣ ପଟ୍ଟନାୟକ, ପି.ଏଲ୍. ରାଉତ, ଗଦାଧର ବେହେରା, ଅଭିନି କୁମାରୀ ନାୟକ, ଦୟାନିଧି ଜେନା, ମାୟାଧର ଜେନା, ଅଜିତ ପ୍ରଧାନଙ୍କ ସମେତ ୧୪ଜଣଙ୍କ ବର୍ଦ୍ଧିତ ଦରମା(ଆର୍‌ଏସିପି) ଏରିୟର ମିଳିପାରୁ ନ ଥିବା ଜଣାପଡ଼ିଛି। ଅବସର ନେବାପରେ ସାଧାରଣତଃ ଏହି ବକେୟା ପ୍ରାପ୍ୟ ମିଳିବା କଥା। କିନ୍ତୁ ଅବସର ନେବାର ୬ମାସରୁ ଦେଢ଼ ବର୍ଷ ସମୟ ବିତିଯାଇଥିଲେ ମଧ୍ୟ ଏରିୟର ବିଲ୍ କରାଯାଉ ନ ଥିବାରୁ ଶିକ୍ଷକମାନେ ପ୍ରାପ୍ୟ ପାଇବାରେ ସମସ୍ୟା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

ଟିଟିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଶେଖର ସାହୁ ୨୦୧୬ରୁ ୨୦୧୮ପର୍ଯ୍ୟନ୍ତ ଆର୍‌ଏସିପି ଏରିୟର ମଧ୍ୟରୁ ୨୦୧୮ରେ କିଛି ଟଙ୍କା ପାଇଥିଲେ। ଆଲଟମେଣ୍ଟ ନ ଥିବାରୁ ସମସ୍ତ ପ୍ରାପ୍ୟ ଏକକାଳୀନ ଦିଆଯାଇ ନ ଥିଲା। ଏବେ ଅବସର ନେବାର ବର୍ଷେ ପରେ ମଧ୍ୟ ବଳକା ପ୍ରାପ୍ୟ ପାଇପାରୁ ନାହାନ୍ତି। ଏରିଅର ବିଲ୍ ପାଇଁ ବିଇଓ ଅଫିସ୍‌ର କର୍ମଚାରୀ ଟଙ୍କା ମାଗୁଥିବା ସେ ଅଭିଯୋଗ କରିଛନ୍ତି। ଗତ ଦିନରେ ପେନ୍‌ସନ ପେପର ଓ ଅନ୍ୟ ପ୍ରାପ୍ୟ ପାଇଁ ବିଇଓ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ୧୦ ହଜାର ଟଙ୍କା ଦେଇସାରିଥିଲେ ମଧ୍ୟ ପୁଣି ଲାଞ୍ଚ ମାଗୁଛନ୍ତି। ଅବସର ନେଇଥିବା ସମସ୍ତ ଶିକ୍ଷକ ଏକାଠି ହୋଇ ଲାଞ୍ଚ ଦେଲେ କାମ ଆରମ୍ଭ କରାଯିବ ବୋଲି ବିଇଓ ଅଫିସ୍‌ର କର୍ମଚାରୀମାନେ କହୁଥିବା ଚନ୍ଦ୍ରଶେଖର ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ଶିକ୍ଷକଙ୍କ ୭୦ରୁ ୮୦ ହଜାର ଟଙ୍କା ଏରିୟର ପାଇବାକୁ ଅଛି। କିନ୍ତୁ ଲାଞ୍ଚୁଆ କର୍ମଚାରୀଙ୍କ କାଳକ୍ଷେପଣ ନୀତି ଯୋଗୁ ଶିକ୍ଷକମାନେ ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ଥିବା କୁହାଯାଇଛି। ଏ ବିଷୟରେ କାଶୀପୁର ବିଇଓ ଦାୟିତ୍ୱରେ ଥିବା ରାୟଗଡ଼ା ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଆସି ନ ଥିବା କହିଛନ୍ତି। ସେହିପରି ଲିଖିତ ଅଭିଯୋଗ କଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ପ୍ରାପ୍ୟ ମିଳିବାର ବ୍ୟବସ୍ଥା ନ କଲେ ଅଦାଲତର ଆଶ୍ରୟ ନେବୁ ବୋଲି ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି।

